# ଆଦିବାସୀ ମେଳାର ଦଶମ ସଂଧ୍ୟା

# ଫୁଲ, ଫଳ ଓ ସବୁଜ ପରିବାର ଅପୂର୍ବ ସମ୍ଭାର

ରାଜଧାନୀର ଜନସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳାର ଆଜି ଥିଲା ଦଶମ ଦିବସ । ଏହି ମେଳାର ମଧ୍ୟ ଭାଗରେ ରହିଛି ଏଭଳି ଏକ ସୁଦୃଶ୍ୟ ମଣ୍ଡପ, ଯାହା ଭିତରେ ଦେଖିବାକୁ ମିଳୁଛି ଫୁଲ, ଫଳ ଓ ସବୁଜ ପନି ପରିବାର ଅପୂର୍ବ ସମ୍ଭାର । ଏହା ଦର୍ଶକଙ୍କୁ ସ୍ୱତଃ ଟାଣି ନେଉଛି ନାନା ଜାତି, ନାନା ରଙ୍ଗର ଫୁଲ, ଫଳ ଓ ସବୁଜ ପନିପରିବାର ଶୋଭା ଉପଭୋଗ କରିବା ପାଇଁ । ଷ୍ଟଲଟିକୁ ବିଭିନ୍ନ ରଙ୍ଗର ଫୁଲରେ ସଜାଇ ଏଭଳି ମନଲୋଭା କରାଯାଇଛି ଯେ, ଗୋଟିଏ ପରେ ଗୋଟିଏ ଷ୍ଟଲକୁ ବୁଲି ଦେଖୁଥିବା ଦର୍ଶକ ମୁହୂର୍ତ୍ତକ ପାଇଁ ଫୁଲର ସମ୍ଭାର ଭିତରେ ନିଜକୁ ହଜାଇ ଦେଉଛି । ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଖୋଲିଥିବା ଏହି ଷ୍ଟଲ ଗୁଡ଼ିକରେ କେବଳ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା, ଫଳ ଓ ଫୁଲ ପ୍ରଦର୍ଶିତ ହେଉ ନାହିଁ, ଏ ସବୁର ଉତ୍ପାଦନ ଓ ସଂରକ୍ଷଣ ସମ୍ପର୍କରେ ବୁଝାଇ ଦେବାର ବ୍ୟବସ୍ଥା ହୋଇଛି । ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଉନ୍ନତ ମାନର ଯନ୍ତ୍ରପାତି ମଧ୍ୟ ମଣ୍ଡପ ଭିତରେ ପ୍ରଦର୍ଶିତ ହେଉଛି । ଚାଷୀମାନଙ୍କ ଉଦ୍ୟାନରୁ ସଂଗୃହୀତ ସବୁଜ ପନିପରିବା ଦେଖିବାକୁ ଓ କିଣିବା ପାଇଁ ଦର୍ଶକଙ୍କର ବେଶ୍ ଆଗ୍ରହ ଲକ୍ଷ୍ୟ କରାଯାଉଛି । ରାଜଧାନୀ ଉପକଣ୍ଠବର୍ତ୍ତୀ କୃଷି ଫାର୍ମରେ ଅମଳ ହେଉଥିବା ଟମାଟୋ, କ୍ୟାପସିକମ୍ ଆଦି ପରିବା ଓ ଫୁଲ ଦର୍ଶକଙ୍କୁ ଯେତିକି ଆକର୍ଷିତ କରୁଛି, ଟିସୁ କଲ୍‌ଚର ମାଧ୍ୟମରେ ବନ୍ତଳ କଂଚା କଦଳୀ ଉତ୍ପାଦନ ପ୍ରଣାଳୀ ସେତିକି କୌତୁହଳ ସୃଷ୍ଟି କରୁଛି । ନିର୍ଦ୍ଦେଶାଳୟ ପକ୍ଷରୁ ଏ ସଂପର୍କରେ ପ୍ରକାଶିତ ପୁସ୍ତିକା ଦର୍ଶକଙ୍କୁ ଯୋଗାଇ ଦିଆଯାଇ ଉତ୍ସାହିତ କରାଯାଉଛି ।

ସବୁଜ ଗୃହ, ସୁରକ୍ଷିତ ଚାଷ, କୃଷି ସିଚାଇ ଯୋଜନା, ଉଦ୍ୟାନ କୃଷି ଯନ୍ତ୍ରପାତି, ଆଳୁ ମିଶନ୍ ଆଦି ନାନା ଶୀର୍ଷକରେ ଷ୍ଟଲ ଭିତରେ ତାହା ପ୍ରଦର୍ଶିତ ହେଉଛି । ଚାଷକୁ ସୁରକ୍ଷିତ ରଖିବା ପାଇଁ ଘର ଭିତରେ ଚାଷ କରାଯିବାର ପ୍ରଣାଳୀ ପ୍ରଦର୍ଶନ କରାଯାଉଥିବା ବେଳେ ଚାଷ ସଂପର୍କରେ ବୁଝାଇ ଦିଆ ଯାଉଛି । ଏଥି ପାଇଁ ଛୋଟ ଛୋଟ ଘର ଓ କ୍ଷେତ ବାଡ଼ିର ଅବିକଳ ନମୂନା ପ୍ରଦର୍ଶିତ ହୋଇଛି । ଆଗାମୀ ଦିନରେ ଏହି ମିଶନର ଲକ୍ଷ୍ୟ ନେଇ ଷ୍ଟଲରେ ପୂର୍ଣ୍ଣାଙ୍ଗ ତଥା ଉପଲବ୍ଧ ହେଉଛି । ମୋଟାମୋଟି ଭାବରେ ମେଳାରେ ଦର୍ଶକମାନଙ୍କର ବେଶ୍ ମନ ମୋହି ପାରୁଛି ଫୁଲ, ଫଳ ଓ ସବୁଜ ପନିପରିବାର ଏହି ମନୋରମ ସମ୍ଭାର ।

ଆଜି ଦଶମ ସଂଧ୍ୟାରେ କେନ୍ଦୁଝରର ଜୁଆଙ୍ଗ ଓ ପାରଳାଖେମୁଣ୍ଡିର ସଉରା ନୃତ୍ୟ ସାଙ୍ଗକୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ଚିତାକର୍ଷକ ଆଦିବାସୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ ।

***